# GOVERNMENT OF ODISHA
# HOME DEPARTMENT

*****

## ADVERTISEMENT
## (RIMC ENTRANCE EXAMINATION, DEC 2025)

Advrt. No. 35231
HOME-POLT-MISC-0038-2020

Date: 20th of Aug, 2025

A Written Examination will be held on 07.12.2025 (Sunday) for admission to Class-VIII in the Rashtriya Indian Military College (RIMC), Dehradun for the term commencing from July 2026 through the District Magistrate & Collector, Cuttack. Both boys & girls are eligible to apply for admission to the RIMC, Dehradun. **The candidate should be in the age bracket of $11^{1/2}$ to 13 years as on 01 Jul 2026 i.e., they should not be born earlier than 02 Jul 2013 and later than 01 Jan 2015.** At the time of admission to the RIMC for the term July 2026, the applicant should either be studying in Class VII or have passed Class VII from any recognized school.

The written examination will be conducted comprising the following subjects along with their respective maximum marks and timings: Mathematics (200 marks) from 0930 to 1100 hrs, General Knowledge (75 marks) from 1200 to 1300 hrs, and English (125 marks) from 1430 to 1630 hrs at Cuttack Centre. Candidates may answer the question papers either in Hindi or English. Candidates who qualify in the written examination will be eligible to appear for the viva-voce test, the date of which will be intimated later. The viva-voce, carrying 50 marks, will assess the intelligence, personality, and communication skills of the candidates.

Only candidates finally selected after the viva-voce will undergo a medical examination at selected Military Hospitals. Those found medically fit will be considered for selection and admission to RIMC. The medical examination is part of the selection process.

The prospectus-cum-application form and booklet of old question papers can be obtained from the Rashtriya Indian Military College, Garhi Cantt., Dehradun, Uttarakhand, Pin-248003 through Speed Post by forwarding a self-addressed slip and an account payee bank demand draft of Rs.600/- for general candidates and Rs.555/- for SC/ST candidates along with the caste certificate. The Demand Draft should be drawn in favour of "THE COMMANDANT RIMC FUND", DRAWEE BRANCH, HDFC BANK, BALLUPUR CHOWK, DEHRADUN (BANK CODE-1399), UTTARAKHAND. Only application forms issued by RIMC shall be valid. Locally printed/photocopied forms without the RIMC hologram (seal) will not be accepted. The Application forms can be demanded through **online mode** from the following link; https://admission.schoolmitra.com/#/admission/newEnquiry/6396eff3fc26e41841a5afd6

Applications in duplicate, on the prescribed form, accompanied by the following documents: two passport size photographs, State domicile certificate, birth certificate (issued by Municipality/Municipal Corporation/Gram Panchayat), SC/ST certificate (where applicable), certificate from the Principal of the school in original with photograph attested stating the date of birth and the class in which the candidate is studying, and photocopy of Aadhaar card (both sides) are mandatory. Failure to provide these will lead to rejection of the application. The applications should reach the Collector, Cuttack, by 15.10.2025.

Sarat Chandra Marandi
**Joint Secretary to Government**
**Home Department**

ଓଡ଼ିଶା ସରକାର

ସ୍ୱରାଷ୍ଟ୍ର ବିଭାଗ

***

## ବିଜ୍ଞାପନ

(ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟର (RIMC) ପ୍ରବେଶିକ ପରୀକ୍ଷା: ଡିସେମ୍ବର ୨୦୨୫)

ସଂଖ୍ୟା. ୩୪୭୩୧ / ତା. ୨୦.୦୮.୨୦୨୫ ରିଖ

HOME-POLT-MISC-0038-2020

ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟ ଡ଼େରାଡୁନ୍ ଠାରେ ଜୁଲାଇ, ୨୦୨୬ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲ୍ଲାପାଳଙ୍କ ପର୍ଯ୍ୟବେକ୍ଷଣରେ ଆଗାମୀ ତା. ୦୭.୧୨ .୨୦୨୫ ରିଖରେ (ରବିବାର) ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ଉକ୍ତ ପରୀକ୍ଷା ଉଭୟ ବାଳକ ଓ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ । ନାମ ଲେଖାଇବା ସମୟରେ **ପ୍ରାର୍ଥୀଙ୍କର ବୟସ ୧ ଜୁଲାଇ, ୨୦୨୬ ସୁଦ୍ଧା ୧୧ ବର୍ଷ ୬ ମାସରୁ ୧୩ ବର୍ଷ ହୋଇଥିବା ଆବଶ୍ୟକ, ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା ୦୨.୦୭.୨୦୧୩ ରିଖ ପୂର୍ବରୁ କିମ୍ବା ତା ୦୧.୦୧.୨୦୧୫ ରିଖ ପରେ ହୋଇ ନଥିବା ଆବଶ୍ୟକ ।** ପ୍ରାର୍ଥୀମାନେ ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଗଣିତ (୨୦୦ ମାର୍କ), ଦିନ ୦୯. ୩୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ, ସାଧାରଣଜ୍ଞାନ (୭୫ ମାର୍କ), ଦିନ ୧୨.୦୦ ଘଟିକାରୁ ୧୩.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଇଂରାଜୀ (୧୨୫ ମାର୍କ), ଦିନ ୧୪.୩୦ ଘଟିକାରୁ ୧୬. ୩୦ ଘଟିକା ପର୍ଯ୍ୟନ୍ତ ତା. ୦୭.୧୨.୨୦୨୫ ରିଖ ରବିବାର ଦିନ ଅନୁଷ୍ଠିତ ହେବ । ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖି ପାରିବେ । ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ଦେବାପାଇଁ ସୁଯୋଗ ଦିଆଯିବ । ୫୦ ମାର୍କ ବିଶିଷ୍ଟ ଏହି ସାକ୍ଷାତକାର ପରୀକ୍ଷାରେ ପ୍ରାର୍ଥୀଙ୍କ ବୁଦ୍ଧିମତା, ବ୍ୟକ୍ତିତ୍ୱ ଏବଂ ଯୋଗାଯୋଗ ଦକ୍ଷତାର ମୂଲ୍ୟାଙ୍କନ କରାଯିବ । ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସେନା ଡ଼ାକ୍ତରଖାନାରେ କରାଯିବ । ସଂପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ । ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ ।

ଆବଶ୍ୟକ ଆବେଦନ ପତ୍ର ତଥା ସୂଚନାପତ୍ରର ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ "THE COMMANDANT RIMC FUND", DRAWEE BRANCH, HDFC BANK, BALLUPUR CHOWK, DEHRADUN, (BANK CODE-1399) UTTARAKHAND ଙ୍କ ସପକ୍ଷରେ ଟ. ୬୦୦/- ସାଧାରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ ଟ. ୫୫୫/- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ Rashtriya Indian Military College, Garhi Cantt., Dehradun, Uttarakhand, Pin-248003 ରୁ ପ୍ରାପ୍ତ ହୋଇ ପାରିବ । ଅନ୍ ଲାଇନ୍ ମାଧ୍ୟମରେ ଆବେଦନ ପତ୍ର ନିମ୍ନ ଲିଖିତ ଲିଙ୍କ୍ ରୁ ଉପଲବ୍ଧ ହୋଇ ପାରିବ ।

https://admission.schoolmitra.com/#/admission/newEnquiry/6396eff3fc26e41841a5afd6

ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସପୋର୍ଟ ସାଇଜ୍ ଫୋଟ, ଡୋମିସାଇଲ୍ ସାର୍ଟିଫିକେଟ୍, ମୁନିସିପାଲଟି / ମୁନିସିପାଲ କର୍ପୋରେଶନ/ ଗ୍ରାମପଞ୍ଚାୟତ ଦ୍ବାରା ଜାରି ହୋଇଥିବା ଜନ୍ମ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଏବଂ ଛାତ୍ର /ଛାତ୍ରୀ ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ଠାରୁ ପ୍ରାପ୍ତ ବାସ୍ତବିକ ପ୍ରମାଣପତ୍ର ( **ଯେଉଁଥିରେ ଜନ୍ମ ତାରିଖ ସହ ଆଟେଷ୍ଟେଡ୍ ଫଟୋଗ୍ରାଫ ସଂଲଗ୍ନ ଥିବ**) ଓ ଆଧାର କାର୍ଡର (ଦୁଇ ପାର୍ଶ୍ୱ) ନକଲ କରି ବାଧ୍ୟତାମୂଳକ ଭାବେ **ଜିଲ୍ଲାପାଳ, କଟକଙ୍କ ନିକଟରେ ତା ୧୫ .୧୦.୨୦୨୫ ରିଖ** ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

ଯୁଗ୍ମ ଶାସନ ସଚିବ

ସ୍ୱରାଷ୍ଟ୍ର ବିଭାଗ